# ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ

## ଜେ ସି ଆର୍ ଏଲ୍ ଏ ସଂଖ୍ୟା ୭୬/୨୦୧୯

**ଖୁଦିଆ ଓରଫ ଖୁଦିରାମ ଟୁଡୁ** **ଆବେଦନକାରୀ**

ଶ୍ରୀଯୁକ୍ତ ଜେ. କାମିଲା, ଓକିଲ ।

- ବନାମ -

**ଓଡ଼ିଶା ରାଜ୍ୟ** **ପ୍ରତିବାଦୀ**

ଶ୍ରୀଯୁକ୍ତ ଏମ୍. ଆର୍. ମିଶ୍ର
ଅତିରିକ୍ତ ସ୍ଥାୟୀ ଅଧିବକ୍ତା ।

**ପୀଠାସୀନ**

**ନ୍ୟାୟମୂର୍ତ୍ତି ଏସ୍ . କେ. ସାହୁ**

**ଆଦେଶ ସଂଖ୍ୟା**

୧୪.

**ଆଦେଶ**

**୦୮.୦୮.୨୦୨୩**

ଏହି ପ୍ରସଙ୍ଗ ସଂଯୁକ୍ତ ପ୍ରଣାଳୀ (ଆଭାସୀ ମାଧ୍ୟମ/ଭୌତିକ ବ୍ୟବସ୍ଥା) ମାଧ୍ୟମରେ ନିଆଯାଇଛି ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଏବଂ ପ୍ରତିବାଦୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଲି ।

ବାଲେଶ୍ୱରର ତୃତୀୟ ଅତିରିକ୍ତ ଦୌରା ନ୍ୟାୟାଧୀଶ ଠାରୁ ପ୍ରାପ୍ତ ୨୦.୦୭.୨୦୨୩ ତାରିଖର ଚିଠିକୁ ଅନୁଧ୍ୟାନ କରାଗଲା ।

ଆବେଦନକାରୀ ଖୁଦିଆ ଓରଫ ଖୁଦିରାମ ଟୁଡୁ ଭାରତୀୟ ଦଣ୍ଡ ସଂହିତା ୩୭୬ (୨) (ଠ) ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ଦୌରା ବିଚାର

ମାମଲା ସଂଖ୍ୟା ୨୨/୨୦୧୯(୧୯୧/୨୦୧୮) ରେ ବାଲେଶ୍ୱରର ତୃତୀୟ ଅତିରିକ୍ତ ଦୌରା ନ୍ୟାୟାଧୀଶ ନ୍ୟାୟାଳୟରେ ବିଚାରର ସମ୍ମୁଖୀନ ହୋଇଥିଲେ, ଏହି ଅଭିଯୋଗରେ ଯେ ସେ ସୂଚନାଦାତା (ପି. ଡବ୍ଲୁ. ୪ )ଙ୍କ ଭ୍ରାଇଙ୍କ ସମ୍ପର୍କୀୟ ହୋଇ ସୂଚନାଦାତାଙ୍କ ଅକ୍ଷମ ଝିଅ ପୀଡ଼ିତା (ପି. ଡବ୍ଲୁ. ୯) ଙ୍କ ଉପରେ ବଳାତ୍କାର କରିଥିଲେ ।

ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟ ତା ୩୦.୦୮.୨୦୧୯ ରିଖ ର ଆପେକ୍ଷିତ ରାୟ ଏବଂ ଆଦେଶ ଦ୍ୱାରା ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬(୨)(O) ଅନୁଯାୟୀ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ତାଙ୍କୁ ଦଶ ବର୍ଷ ପାଇଁ କଠୋର କାରାବାସ ଭୋଗିବାକୁ ଏବଂ ଟ.୫000/- (ପାଞ୍ଚ ହଜାର ଟଙ୍କା ) ଜୋରିମାନା ଦେବାକୁ ଦଣ୍ଡାଦେଶ ଦେଇଥିଲେ, ଜୋରିମାନା ଅନାଦେୟ ଆଉ ଏକ ବର୍ଷ କଠୋର କାରାବାସ ପାଇଁ ଦଣ୍ଡାଦେଶ ଦେଇଥିଲେ ।

ଜେଲ୍ ଅପରାଧିକ ଆବେଦନର ଯୁକ୍ତି ସମୟରେ, ଯେତେବେଳେ ଏକ ପ୍ରଶ୍ନ ବିଚାର ପାଇଁ ଆସିଥିଲା ଯେ ଆବେଦନକାରୀଙ୍କୁ ନିଜପକ୍ଷ ରଖିବା ପାଇଁ ଉପଯୁକ୍ତ ସୁଯୋଗ ଦିଆଯାଇଛି କି ନାହିଁ, ଏହି ଅଦାଲତ ଆଇନର ବ୍ୟବସ୍ଥାଗୁଡ଼ିକ, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଏହି ନ୍ୟାୟାଳୟର ପୂର୍ବ ଦୃଷ୍ଟାନ୍ତଗୁଡ଼ିକ ଏବଂ ଅଭିଲେଖରେ ଥିବା ପ୍ରମାଣ ଉପରେ ଆଲୋଚନା ପରେ ଏହା ସ୍ଥିର କରିଥିଲେ ଯେ ବିଦ୍ୱାନ ରାଜ୍ୟ ପ୍ରତିରକ୍ଷା ଓକିଲଙ୍କୁ ମାମଲାର ପୁଙ୍ଖାନୁପୁଙ୍ଖ ଭାବରେ ପ୍ରସ୍ତୁତ କରିବାକୁ ଏବଂ ପୀଡ଼ିତାଙ୍କୁ ଜେରାକରିବାକୁ କୌଣସି ଉପଯୁକ୍ତ ସୁଯୋଗ ପ୍ରଦାନ କରାଯାଇ ନାହିଁ । ତଦନୁସାରେ, ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୭୬(୨)(O) ଅନୁଯାୟୀ ଆବେଦନକାରୀଙ୍କ ବିବାଦୀୟ ରାୟ ଏବଂ ଦୋଷୀ ସାବ୍ୟସ୍ତ ଆଦେଶକୁ ଏହି ଅଦାଲତ ୨୨.୦୩.୨୦୨୩ ତାରିଖର ରାୟ ଏବଂ ଆଦେଶ ଦ୍ୱାରା ଖାରଜ କରିଦିଆଯାଇଥିଲା ଏବଂ ଏହି ମାମଲାକୁ ନିମ୍ନୋକ୍ତ ଅବଲୋକନ ସହିତ ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟକୁ ପଠାଇ ଦିଆଯାଇଥିଲା;

" ପୀଡ଼ିତା (ପି.ଡବ୍ଲୁ.୯ )ର ଅତିରିକ୍ତ ଜେରା ପାଇଁ ବିଦ୍ୱାନ ପ୍ରତିବାଦୀ ଅଧିବକ୍ତାଙ୍କୁ ସୁଯୋଗ ପ୍ରଦାନ କରି ବିଚାର ବର୍ତ୍ତମାନ ଆରମ୍ଭ ହେବ । ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟ ଆବେଦନକାରୀଙ୍କୁ ଯଦି ସେ ଚାହାଁନ୍ତି ତାଙ୍କ ନିଜ ଓକିଲ ନିୟୋଜିତ କରିବାକୁ ଉପଯୁକ୍ତ ସୁଯୋଗ ଦେବେ, ଏବଂ ଯଦି ଆବେଦନକାରୀ ତାଙ୍କ ନିଜ ଓକିଲଙ୍କୁ ନିୟୋଜିତ କରିବାରେ ଅକ୍ଷମତା ପ୍ରକାଶ କରନ୍ତି, ତେବେ ଅଭିଯୁକ୍ତର ମାମଲା ଲଢିବା ପାଇଁ ଜଣେ ରାଜ୍ୟ ପ୍ରତିବାଦୀ ଓକିଲ ନିୟୋଜିତ ହେବେ । ରାଜ୍ୟ ପ୍ରତିବାଦୀ ଓକିଲଙ୍କୁ ନିୟୋଜିତ କରିବା ସମୟରେ, ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟ ଦେଖିବେ ଯେ ଜଣେ ଦକ୍ଷ ଓକିଲ ଯିଏ ଅପରାଧିକ ଆଇନରେ ବ୍ୟାପକ ଅଭ୍ୟାସ ରଖିଛନ୍ତି, ବିଶେଷ କରି ଦୌରା ବିଚାର ପରିଚାଳନା କରିବାରେ ବ୍ୟାପକ ଅଭିଜ୍ଞତା ଏବଂ ଅଭିଯୁକ୍ତକୁ ଅର୍ଥପୂର୍ଣ୍ଣ ସହାୟତା ପ୍ରଦାନ କରିବାରେ କ୍ଷମତା ରଖିଛନ୍ତି, ତାଙ୍କୁ ନିୟୋଜିତ କରାଯାଇଛି । ସିଆର୍.ପି.ସି ର ଧାରା ୨୦୭ ଅନୁଯାୟୀ ଅଭିଯୁକ୍ତକୁ ଯୋଗାଇ ଦେବାକୁ ଥିବା ସମ୍ପୂର୍ଣ୍ଣ ପୋଲିସ୍ କାଗଜପତ୍ର ଏବଂ ଅନ୍ୟାନ୍ୟ ଦସ୍ତାବିଜର ନକଲ, ଫର୍ମ କ୍ରମାଙ୍କ ୩୨ ରେ ଅଭିଯୋଗ ଶୀର୍ଷକର ନକଲ, ସମସ୍ତ ସାକ୍ଷୀଙ୍କ ବୟାନ ନକଲ, ପ୍ରଦର୍ଶିତ ଦସ୍ତାବିଜଗୁଡ଼ିକର ନକଲ ନିଯୁକ୍ତ ଓକିଲଙ୍କୁ ପ୍ରଦାନ କରାଯିବ । ତାରିଖ ସ୍ଥିର ହେବାର ଅତି କମରେ ଏକ ସପ୍ତାହ ପୂର୍ବରୁ ପୀଡ଼ିତାଙ୍କ ପୁନଶ୍ଚ ଜେରାର ଅଭିଲେଖନ ପ୍ରସ୍ତୁତି ପାଇଁ ଏବଂ ଓକିଲଙ୍କୁ ଅଭିଯୁକ୍ତଙ୍କ ସହ ବୈଠକ ଏବଂ ଆଲୋଚନା କରିବାକୁ ସୁଯୋଗ ଦିଆଯିବ ଯାହା ଦ୍ୱାରା ଅଭିଯୁକ୍ତଙ୍କର ଆତ୍ମବିଶ୍ୱାସ ଆସିବ ଯେ ନ୍ୟାୟାଳୟ ଦ୍ୱାରା ମନୋନୀତ ଓକିଲଙ୍କ ପାଖରେ ତାଙ୍କୁ ସଠିକ୍ ଭାବରେ ରକ୍ଷା କରିବା ପାଇଁ ପର୍ଯ୍ୟାପ୍ତ ସମୟ ଏବଂ ତଥ୍ୟ ମହଜୁଦ୍ ଅଛି । ବିଦ୍ୱାନ ପ୍ରତିରକ୍ଷା ଅଧିବକ୍ତାଙ୍କୁ କେବଳ ପୀଡ଼ିତାଙ୍କୁ ଅଧିକ ଜେରା କରିବାକୁ ସୁଯୋଗ ଦିଆଯିବ ନାହିଁ, ବରଂ ଅନ୍ୟ ସାକ୍ଷୀମାନେ, ଯେଉଁମାନେ ଅଭିଯୋଗ ପକ୍ଷ ଦ୍ୱାରା ପରୀକ୍ଷିତ ହୋଇଛନ୍ତି, ସେମାନଙ୍କୁ ମଧ୍ୟ ଜେରା କରିବାପାଇଁ ସୁଯୋଗ ଦିଆଯିବ, ଯଦି ବିଦ୍ୱାନ ଓକିଲ ସାକ୍ଷୀମାନଙ୍କୁ ନିର୍ଦ୍ଦିଷ୍ଟ ପ୍ରଶ୍ନ ପଚାରିବା ପାଇଁ ସିଆର୍.ପି.ସି ର ଧାରା ୩୧୧ ଅନୁଯାୟୀ ଏକ ଆବେଦନ ଦାଖଲ କରନ୍ତି ଏବଂ ତା' ପରେ ପ୍ରତିବାଦୀ ସାକ୍ଷ୍ୟ ଦେବା ପାଇଁ ସୁଯୋଗ ପ୍ରଦାନ କରାଯିବ ଏବଂ ତା' ପରେ ତର୍କ ଶୁଣାଯିବ ଏବଂ ଅଭିଲେଖନରେ ଥିବା ପ୍ରମାଣର ମୂଲ୍ୟାଙ୍କନ କରିବା ପରେ,ଆଇନ ଅନୁଯାୟୀ ନୂତନ ରାୟ ଘୋଷଣା କରାଯିବ ।ପୀଡ଼ିତାଙ୍କ ସାକ୍ଷ୍ୟ ବାଲେଶ୍ୱରର ସମ୍ବେଦନଶୀଳ ସାକ୍ଷୀଜମା କେନ୍ଦ୍ରରେ ଅଭିଲେଖନ କରାଯିବ । ଏହି ରାୟର ନକଲ ପ୍ରାପ୍ତ ହେବା ତାରିଖ ଠାରୁ ତିନି ମାସ ମଧ୍ୟରେ ଯଥାଶୀଘ୍ର ମାମଲାର ସମାଧାନକରିବାକୁ ନିର୍ଦ୍ଦେଶ ସହିତ ଏହି ମାମଲାଟି ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟକୁ ପଠାଗଲା ।

ଯେହେତୁ ମୁଁ ଏହି ମାମଲାକୁ ପୁନଃ ବିଚାର ପାଇଁ ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟକୁ ପଠାଇ ଦେଇଛି ଏବଂ ଆବେଦନକାରୀ ୧୯.୦୬.୨୦୧୮ ରୁ ନ୍ୟାୟିକ ହେପାଜତରେ ଅଛନ୍ତି, ସେ ଏପରି ନିୟମ ଏବଂ ସର୍ତ୍ତରେ ଜାମିନରେ ମୁକ୍ତ ହେବେ, ଯାହା ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟ ଦ୍ୱାରା ନ୍ୟାୟସଙ୍ଗତ ଏବଂ ଉପଯୁକ୍ତ ବୋଲି ବିବେଚନା କରାଯାଇପାରେ, ଏକ ନିର୍ଦ୍ଦିଷ୍ଟ ସର୍ତ୍ତ ସହିତ ଯେ ଯେତେବେଳେ ମାମଲା ବିଚାର ପାଇଁ ନିର୍ଦ୍ଧାରିତ ହେବ ସେତେବେଳେ ସେ ପ୍ରତ୍ୟେକ ତାରିଖରେ ଅଦାଲତରେ ହାଜର ହେବେ ଏବଂ ପ୍ରମାଣ ହେରଫେର କରିବାକୁ ଚେଷ୍ଟା କରିବେ ନାହିଁ । ”

ତା ୨୦.୦୭.୨୦୨୩ ରିଖ ଚିଠିରୁ ଏହା ଜଣାପଡ଼େ ଯେ ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟ ଏହି ନ୍ୟାୟାଳୟରୁ ରାୟର ନକଲ ଏବଂ ମାମଲା ଅଭିଲେଖ ପାଇବା ପରେ ଏହାର ଅନୁପାଳନ ପାଇଁ ପଦକ୍ଷେପ ନେଇଥିଲେ। ଯେହେତୁ ଆବେଦନକାରୀ ତାଙ୍କ ନିଜ ଅଧିବକ୍ତାଙ୍କୁ ନିୟୋଜିତ କରିଥିଲେ, ରାଜ୍ୟ ପ୍ରତିରକ୍ଷା ପରାମର୍ଶଦାତାଙ୍କ ନିୟୋଜିତ ହେବା ପାଇଁ ଆବଶ୍ୟକତା ଉପୁଜିନଥିଲା । ବିଦ୍ୱାନ ପ୍ରତିରକ୍ଷା ଓକିଲ ମଧ୍ୟ ପୋଲିସ୍ କାଗଜପତ୍ର କିମ୍ବା ସାକ୍ଷୀମାନଙ୍କ ପରିସାକ୍ଷ୍ୟଗୁଡ଼ିକର କୌଣସି ମାଗଣା ନକଲ ନେବା ପାଇଁ ଚାହିଁ ନଥିଲେ । ତଦନୁସାରେ, ବାଲେଶ୍ୱରର ସମ୍ବେଦନଶୀଳ ସାକ୍ଷୀ ଜମା କେନ୍ଦ୍ରରେ ତା ୨୫.୦୫.୨୦୨୩ ରିଖ ସକାଳ ୧୦.୩୦ ରେ ଜେରା ପାଇଁ ଆଇ.ଆଇ.ସି., ଜଳେଶ୍ୱର ପୋଲିସ ଥାନା ମାଧ୍ୟମରେ ପୀଡ଼ିତାଙ୍କୁ ଡାକରା ଜାରି କରାଯାଇଥିଲା ଏବଂ ଧାର୍ଯ୍ୟ ସମୟ ନିର୍ଘଣ୍ଟ ପାଇଁ ସମନ୍ୱୟକାରୀ ସମ୍ବେଦନଶୀଳ ସାକ୍ଷୀ ଜମା କେନ୍ଦ୍ର, ବାଲେଶ୍ୱରକୁ ଚିଠି ଜାରି କରାଯାଇଥିଲା । ପୀଡ଼ିତା ଜଣେ ମୂକ ବଧିର ଝିଅ ହୋଇଥିବାରୁ ଜେରା ସୁଗମ କରିବା ପାଇଁ ଉକ୍ତ ତାରିଖ ଏବଂ ସମୟରେ ଜଣେ ସ୍ୱତନ୍ତ୍ର ଶିକ୍ଷକଙ୍କ ପ୍ରତିନିଯୁକ୍ତି ପାଇଁ ଏଚ୍ ଡବ୍ଲୁ ଆଇ ମୂକ ବିଦ୍ୟାଳୟ,ମିଶନ କମ୍ପାଉଣ୍ଡ,ବାଲେଶ୍ୱରର ଅଧ୍ୟକ୍ଷଙ୍କୁ ଚିଠି ଜାରି କରାଯାଇଥିଲା । ଡାକରା ଅନୁସାରେ, ପୀଡିତାଙ୍କ ପରିବର୍ତ୍ତେ, ତାଙ୍କ ପିତା ଲେପା ହଣ୍ଡା ଯିଏ ମଧ୍ୟ ମାମଲାର ସୂଚନାଦାତା,ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟରେ ହାଜର ହୋଇଥିଲେ ।

ବିଦ୍ୱାନ ରାଜ୍ୟ ଓକିଲଙ୍କ ଦ୍ୱାରା ଯଥାର୍ଥ ଭାବରେ ଚିହ୍ନଟ ହୋଇ ସେ ଲିଖିତ ଭାବରେ ଦାଖଲ କରିଥିଲେ ଯେ ତାଙ୍କ ଝିଅ (ପୀଡ଼ିତା) ତିନି ବର୍ଷ ପୂର୍ବେ ମୃତ୍ୟୁବରଣ କରିଥିଲେ । ଅଭିଯୋଗର ଗମ୍ଭୀରତାକୁ ବିଚାରକୁ ନେଇ ଏବଂ ଅଧିକ ନିଶ୍ଚିତତା ପାଇଁ, ଆଇ.ଆଇ.ସି., ଜଳେଶ୍ୱର ପୋଲିସ ଥାନାରୁ ଏକ ବିବୃତି ମଗାଯାଇଥିଲା । ଆଇ.ଆଇ.ସି.,ଜଳେଶ୍ୱର ପୋଲିସ ଥାନା ୧୭.୦୭.୨୦୨୩ ରେ ଏକ ବିବୃତି ପ୍ରଦାନ କରି ନିଶ୍ଚିତ କରିଥିଲେ ଯେ ପୀଡ଼ିତା ପ୍ରାୟ ତିନି ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ ।

ବିଦ୍ୱାନ ତୃତୀୟ ଅତିରିକ୍ତ ଦୌରା ନ୍ୟାୟାଧୀଶ ବାଲେଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ଏପରି ଚିଠିକୁ ଦୃଷ୍ଟିରେ ରଖି, ଯେହେତୁ ଇତି ମଧ୍ୟରେ ପୀଡ଼ିତାଙ୍କର ମୃତ୍ୟୁ ହୋଇଛି, ତେଣୁ ଏହି ନ୍ୟାୟାଳୟର ୨୨.୦୩.୨୦୨୩ ର ରାୟ ଏବଂ ଆଦେଶରେ ଦିଆଯାଇଥିବା ପର୍ଯ୍ୟବେକ୍ଷଣ କାର୍ଯ୍ୟକାରୀ ହୋଇପାରିଲା ନାହିଁ ଏବଂ ଏହି ନ୍ୟାୟାଳୟ ଆବେଦନକାରୀଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬ (୨)(O)ରୁ ଦୋଷମୁକ୍ତ କରିଛନ୍ତି, ତେଣୁ ଆବେଦନକାରୀଙ୍କ ପୁନର୍ବାର ବିଚାରର ସମ୍ମୁଖୀନ ହେବାର କୌଣସି ଆବଶ୍ୟକତା ନାହିଁ ଏବଂ ତଦନୁସାରେ, ଏତଦ୍ୱାରା ତାଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୭୬(୨)(O)ରୁ ନିର୍ଦ୍ଦୋଷରେ ଖଲାସ କରାଗଲା । ଆବେଦନକାରୀ ଏହି ନ୍ୟାୟାଳୟର ଆଦେଶ ଅନୁଯାୟୀ ଜାମିନରେ ଅଛନ୍ତି । ସେ ତାଙ୍କ ଜାମିନନାମା ଦାୟିତ୍ୱରୁ ମୁକ୍ତ ହୋଇଛନ୍ତି । ବ୍ୟକ୍ତିଗତ ମୁଚାଲିକା ବନ୍ଧପତ୍ର ଏବଂ ଜାମିନ ବନ୍ଧପତ୍ର ବାତିଲ ହୋଇଛି ।

ଏହି ଆଦେଶକୁ ତୁରନ୍ତ ବିଚାର କରୁଥିବା ବିଦ୍ୱାନ ନ୍ୟାୟାଳୟକୁ ଜଣାଇ ଦିଆଯାଉ ।

**(ଏସ୍. କେ. ସାହୁ)**

**ନ୍ୟାୟାଧୀଶ**

**<u>ଅସ୍ୱୀକରଣ</u>**

" ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦକ**
**ସୌମ୍ୟରଂଜନ ବେହେରା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**